# G20 Sherpa, Shri Piyush Goyal holds Special Briefing from Rome

October 30, 2021

## ଜି20 ଶେର୍ପା ଶ୍ରୀ ପୀୟୁଷ ଗୋଏଲ ରୋମରୁ ବିଶେଷ ବ୍ରିଫିଙ୍ଗ କରିଛନ୍ତି

ଅକ୍ଟୋବର 30, 2021

ଜି20 ଶିଖର ସମ୍ମିଳନୀ ପୂର୍ବରୁ ବୈଶ୍ୱିକ ଚିନ୍ତା ଉପରେ ଭାରତର ନେତୃତ୍ୱ ଏବଂ ବିଭିନ୍ନ ପ୍ରସଙ୍ଗରେ ଏହାର ମତାମତକୁ ଦୃଢ ସମର୍ଥନ ମିଳିଛି - ଶ୍ରୀ ପୀୟୁଷ ଗୋଏଲ

ଚାଲିଥିବା ଶେର୍ପାମାନଙ୍କ ବୈଠକର ଏଜେଣ୍ଡା ହେଉଛି ରୋମ ଘୋଷଣାନାମାକୁ ଚୂଡ଼ାନ୍ତ କରିବା, ଯାହା ଜି20 ଶିଖର ସମ୍ମିଳନୀରେ ନେତୃବର୍ଗଙ୍କ ଦ୍ୱାରା ଗୃହୀତ ହେବ - ଶ୍ରୀ ଗୋଏଲ

ପରୀକ୍ଷଣ ଏବଂ ଟିକା ସାର୍ଟିଫିକେଟ ସମେତ ଯାତ୍ରା ଡକ୍ୟୁମେଣ୍ଟଗୁଡିକର ପାରସ୍ପରିକ ସ୍ୱୀକୃତି ଉପରେ ଜି20 ସହଯୋଗୀମାନଙ୍କଠାରୁ ସମର୍ଥନ ମିଳିଥିବାରୁ ଖୁସି - ଶ୍ରୀ ଗୋଏଲ

ନିରନ୍ତର ବିକାଶ ଏବଂ ଖାଦ୍ୟ ସୁରକ୍ଷା ପାଇଁ ଭାରତ ଜୋର ଦେଇଛି ଯେ ନୀତିଗୁଡିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସ୍ୱାର୍ଥ ରକ୍ଷା କରିବା ତଥା ସ୍ଥାନୀୟ ଖାଦ୍ୟ ସଂସ୍କୃତି ସଂରକ୍ଷଣ କରିବା ଉଚିତ ଯାହା ପରବର୍ତ୍ତୀ ସମୟରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବ - ଶ୍ରୀ ପୀୟୁଷ ଗୋଏଲ

ଭାରତ ଜଳବାୟୁ ପରିବର୍ତ୍ତନକୁ ନେଇ ବିଶ୍ୱସ୍ତରୀୟ କାର୍ଯ୍ୟକୁ ପ୍ରେରିତ କରିବା ପାଇଁ ଆନୁସଙ୍ଗିକ, ଦୀର୍ଘକାଳୀନ, ରିହାତି ଦରରେ ଜଳବାୟୁ ଅର୍ଥ ପ୍ରଦାନ, ସୁଲଭ ତଥା ନିରନ୍ତର ପ୍ରଯୁକ୍ତିବିଦ୍ୟା ପ୍ରଦାନ, ଏବଂ ସ୍ଥାୟୀ ଜୀବନଶୈଳୀ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ପଦ୍ଧତି ଗ୍ରହଣ କରିବାକୁ ପ୍ରତିବଦ୍ଧତା ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ଭାରତ ସମର୍ଥନ କରେ - ଶ୍ରୀ ଗୋଏଲ

ଭାରତ ଏହା ସୁନିଶ୍ଚିତ କରୁଛି ଯେ କୋଭିଡ ପରବର୍ତ୍ତୀ ଅର୍ଥନୈତିକ ପୁନରୁଦ୍ଧାର ପାଇଁ ସହାୟତାର କୌଣସି ଅସାମୟିକ ପ୍ରତ୍ୟାହାର ନହେଉ ଏବଂ ସବୁଠାରୁ ଅସୁରକ୍ଷିତ ବର୍ଗକୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉ - ଶ୍ରୀ ଗୋଏଲ

ଜି20 ଋଣ ସେବା ନିଲମ୍ବନ ପଦକ୍ଷେପକୁ 2021 ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜି ହୋଇଛି ଯାହା ଦ୍ୱାରା ବିଶ୍ୱର ଅଭାବୀ ଏବଂ ଅସୁରକ୍ଷିତ ବର୍ଗର ଲୋକଙ୍କୁ କିଛି ସମୟ ମିଳିଛି - ଶ୍ରୀ ପୀୟୁଷ ଗୋଏଲ

ରୋମରେ 30-31 ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଥିବା 16 ତମ ଜି-20 ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଂଶଗ୍ରହଣକୁ ନେଇ ଶ୍ରୀ ପୀୟୁଷ ଗୋଏଲ ସୂଚନା ଦେଇଛନ୍ତି।

ଜି-20 ବୈଶ୍ୱିକ ଚିନ୍ତା ଉପରେ ଭାରତର ନେତୃତ୍ୱକୁ ସ୍ୱୀକାର କରିଛି ଏବଂ ଆଗାମୀ ଶିଖର ସମ୍ମିଳନୀରେ ଆଲୋଚନା ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗରେ ଭାରତର ମତାମତକୁ ସମର୍ଥନ ଜଣାଇଛି ବୋଲି ଜି20 ଶେର୍ପାମାନଙ୍କ ବୈଠକରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପୀୟୁଷ ଗୋଏଲ କହିଛନ୍ତି।

ଏହା ଉଲ୍ଲେଖ କରାଯାଇପାରେ ଯେ ଚାଲିଥିବା ଶେର୍ପାମାନଙ୍କ ବୈଠକର ଏଜେଣ୍ଡା ହେଉଛି ରୋମ ଘୋଷଣାନାମାକୁ ଚୂଡ଼ାନ୍ତ ରୂପ ଦେବା, ଯାହା ଶିଖର ସମ୍ମିଳନୀରେ ନେତୃବର୍ଗଙ୍କ ଦ୍ୱାରା ଗୃହୀତ ହେବ।

ପ୍ରଧାନମନ୍ତ୍ରୀ ମୋଦୀ ଇଟାଲୀର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ମାରିଓ ଡ୍ରାଘିଙ୍କ ଆମନ୍ତ୍ରଣ କ୍ରମେ ଆଜି ସକାଳେ ରୋମରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ହେଉଛି ଅଷ୍ଟମ ଜି20 ଶିଖର ସମ୍ମିଳନୀ ଯେଉଁଥିରେ ସେ ଯୋଗଦେବେ।

ଜି20 ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଅଂଶଗ୍ରହଣ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତିର ତଦାରଖ କରିବା ପାଇଁ ଶ୍ରୀ ପୀୟୁଷ ଗୋଏଲ ଗତ 3 ଦିନ ଧରି ରୋମରେ ଅଛନ୍ତି।

ଇଟାଲୀରେ ଶ୍ରୀ ପୀୟୁଷ ଗୋଏଲ 27-29 ଅକ୍ଟୋବର ଷଷ୍ଠ ଜି20 ଶେର୍ପାମାନଙ୍କ ବୈଠକରେ ଅଂଶଗ୍ରହଣ କରିଥିଲେ ଏବଂ ତାଙ୍କର ଅନେକ ଜି20 ପ୍ରତିପକ୍ଷଙ୍କ (ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ୟୁରୋପୀୟ ସଂଘ, ଇଣ୍ଡୋନେସିଆ ଏବଂ ସିଙ୍ଗାପୁର) ସହିତ ଦ୍ୱିପାକ୍ଷିକ ବୈଠକ କରିଥିଲେ।

ଶ୍ରୀ ଗୋଏଲ କହିଛନ୍ତି ଯେ ଆନ୍ତର୍ଜାତିକ ସହଯୋଗ ପାଇଁ ଜି20 ଏକ ପ୍ରମୁଖ ବିଶ୍ୱସ୍ତରୀୟ ଫୋରମ ଭାବରେ ଉଭା ହୋଇଛି। ସେ କହିଛନ୍ତି ଯେ ଜି20 ବିଶ୍ୱ ଜିଡିପିର 80%, ବିଶ୍ୱ ବାଣିଜ୍ୟର 75% ଏବଂ ବିଶ୍ୱ ଜନସଂଖ୍ୟାର 60% ଅବଦାନ ରହିଛି।

ଏହା ଉଲ୍ଲେଖ କରାଯାଇପାରେ ଯେ ଚଳିତ ବର୍ଷ ଇଟାଲୀର ଅଧ୍ୟକ୍ଷତାରେ ଜି20 ଶିଖର ସମ୍ମିଳନୀର ବିଷୟବସ୍ତୁ ହେଉଛି 'ଲୋକ, ପୃଥିବୀ, ସମୃଦ୍ଧି' ଯାହା "ମହାମାରୀରୁ ପୁନରୁଦ୍ଧାର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ପରିଚାଳନାର ଦୃଢ଼ୀକରଣ, ଅର୍ଥନୈତିକ ପୁନରୁଦ୍ଧାର ଏବଂ ସ୍ଥିରତା, ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ପରିବର୍ତ୍ତନ ଏବଂ ନିରନ୍ତର ବିକାଶ ଏବଂ ଖାଦ୍ୟ ସୁରକ୍ଷା" ଉପରେ ଧ୍ୟାନ କେନ୍ଦ୍ରୀତ କରିବ।

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଗୋଏଲ କହିଛନ୍ତି ଯେ ଇଟାଲୀ ଦ୍ୱାରା ଚୟନ କରାଯାଇଥିବା ପ୍ରାଥମିକତାର କ୍ଷେତ୍ରଗୁଡିକୁ ଭାରତ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରେ। ସେ କହିଛନ୍ତି ଯେ ସମ୍ପ୍ରତି ଶେଷ ହୋଇଥିବା ଶେରପାମାନଙ୍କ ବୈଠକର ଏଜେଣ୍ଡା ହେଉଛି ରୋମ ଘୋଷଣାନାମାକୁ ଚୂଡ଼ାନ୍ତ କରିବା, ଯାହା ଜି20 ସମ୍ମିଳନୀରେ ନେତୃବର୍ଗଙ୍କ ଦ୍ୱାରା ଗୃହୀତ ହେବ।

ଶ୍ରୀ ଗୋଏଲ କହିଛନ୍ତି ଯେ ବ୍ୟାପକ କୋଭିଡ-19 ଟିକାକରଣ ବିଶ୍ୱ ଜନସାଧାରଣଙ୍କ ପାଇଁ ଉତ୍ତମ ଅଟେ ବୋଲି ଭାରତର ମତାମତକୁ ଜି20 ସମର୍ଥନ ଜଣାଇଛି ଏବଂ ପରୀକ୍ଷଣ ଓ ଟିକା ସାର୍ଟିଫିକେଟ ସମେତ ଯାତ୍ରା ଡକ୍ୟୁମେଣ୍ଟଗୁଡିକୁ ପାରସ୍ପରିକ ମଞ୍ଜୁରୀ ଉପରେ ତାଙ୍କର ପ୍ରସ୍ତାବକୁ ଜି20 ସହଯୋଗୀମାନଙ୍କ ସମର୍ଥନ ମିଳିଥିବାରୁ ସେ ଖୁସି ହୋଇଥିଲେ।

ନିରନ୍ତର ବିକାଶ ଏବଂ ଖାଦ୍ୟ ସୁରକ୍ଷା ପ୍ରସଙ୍ଗରେ ସେ କହିଛନ୍ତି ଯେ ଭାରତ ଗୁରୁତ୍ୱାରୋପ କରିଛି ଯେ ନୀତିଗୁଡିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସ୍ୱାର୍ଥ ରକ୍ଷା କରିବା ଉଚିତ ଏବଂ ସ୍ଥାନୀୟ ଖାଦ୍ୟ ସଂସ୍କୃତିର ସଂରକ୍ଷଣ କରିବା ଉଚିତ ଯାହା ପରବର୍ତ୍ତୀ ସମୟରେ ଖାଦ୍ୟ ସୁରକ୍ଷା କରିବାରେ ଯଥେଷ୍ଟ ସହାୟକ ହେବ।

ଶ୍ରୀ ଗୋଏଲ କହିଛନ୍ତି ଯେ ଭାରତ ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ସୁରକ୍ଷାକୁ ନେଇ ବିଶ୍ୱସ୍ତରୀୟ କାର୍ଯ୍ୟକୁ ସୁଦୃଢ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଉପରେ ଦୃଢ ଭାବରେ କହିଛି ଯେଉଁଥିରେ ଆନୁସଙ୍ଗିକ, ଦୀର୍ଘ ମିଆଦି, ରିହାତି ଦରରେ ଜଳବାୟୁ ଅର୍ଥ ପ୍ରଦାନ, ସୁଲଭ ତଥା ନିରନ୍ତର ପ୍ରଯୁକ୍ତିବିଦ୍ୟା ପ୍ରଦାନ, ଏବଂ ନିରନ୍ତର ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରତିବଦ୍ଧତା, ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ଉତ୍ପାଦନ ଢାଞ୍ଚା ଏବଂ ବିଶେଷକରି ବିକଶିତ ଦେଶଗୁଡିକ ଦ୍ୱାରା ଏସଡିଜି-12 ଲକ୍ଷ୍ୟ ହାସଲ କରିବାର ଗୁରୁତ୍ୱ ସାମିଲ ରହିଛି।

କୋଭିଡ ଅର୍ଥନୈତିକ ପୁନରୁଦ୍ଧାର ପ୍ରସଙ୍ଗରେ ସେ କହିଛନ୍ତି ଯେ ଜି20 ଫ୍ରେମୱାର୍କ କାର୍ଯ୍ୟଗୋଷ୍ଠୀର ସହ-ଅଧ୍ୟକ୍ଷ ଭାବରେ ଭାରତ ସୁନିଶ୍ଚିତ କରୁଛି ଯେ ସହାୟତାର କୌଣସି ଅସାମୟିକ ପ୍ରତ୍ୟାହାର ନହେଉ ଏବଂ ସବୁଠାରୁ ଅସୁରକ୍ଷିତ ବର୍ଗକୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉ। ଋଣ ସେବା ନିଲମ୍ବନ ପଦକ୍ଷେପକୁ 2021 ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଜି20 ରାଜି ହୋଇଛି ଯାହା ଦ୍ୱାରା ବିଶ୍ୱର ଅଭାବୀ ଏବଂ ଅସୁରକ୍ଷିତ ବର୍ଗର ଲୋକଙ୍କୁ କିଛି ସମୟ ମିଳିଛି।

ଶ୍ରୀ ଗୋଏଲ ଆହୁରି ମଧ୍ୟ କହିଛନ୍ତି ଯେ ଟ୍ୟାକ୍ସ ସଂସ୍କାର ପ୍ରସଙ୍ଗରେ ଲାଭ ଉତ୍ପତିର ଉତ୍ସ ଏବଂ ଟ୍ୟାକ୍ସ ଆଦାୟ କରାଯାଉଥିବା ଆଧିକାରିକ କ୍ଷେତ୍ର ମଧ୍ୟରେ ଅସାମଞ୍ଜସ୍ୟକୁ ସମାଧାନ କରିବାରେ ଭାରତ ଜି20 କୁ ଆଗେଇ ନେଇଛି। ଏତଦ୍ୱାର ଏହା ସୁନିଶ୍ଚିତ ହେବ ଯେ ବୃହତ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ କାର୍ଯ୍ୟରତ ଥିବା ଦେଶରେ ନିମ୍ନତମ ପ୍ରଭାବୀ କର୍ପୋରେଟ ଟ୍ୟାକ୍ସ ଦେବେ।

ଶ୍ରୀ ଗୋଏଲ ଅଧିକ ବିସ୍ତୃତ ଭାବରେ କହିଛନ୍ତି ଯେ ଦୁର୍ନୀତି ନିବାରଣ ପ୍ରସଙ୍ଗରେ ଭାରତ ଚଳିତ ବର୍ଷ ଦୁର୍ନୀତି ନିବାରଣ କାର୍ଯ୍ୟଗୋଷ୍ଠୀର ଜି20 ଅଧ୍ୟକ୍ଷ ଭାବରେ ସମ୍ପତ୍ତି ପୁନରୁଦ୍ଧାର, ସୂଚନା ଆବଣ୍ଟନ, ଆଇନ ପ୍ରବର୍ତନ କ୍ଷେତ୍ରରେ ସହଯୋଗ, ପ୍ରଯୁକ୍ତିବିଦ୍ୟା ଏବଂ ନିରାପଦ ପ୍ରଶ୍ରୟ ପ୍ରତ୍ୟାଖ୍ୟାନ ସମ୍ବନ୍ଧୀୟ ଚିନ୍ତାଧାରାକୁ ଯୋଗଦାନ କରିଛି।

ମହିଳା ସଶକ୍ତିକରଣ, ଶିକ୍ଷା ଏବଂ ରୋଜଗାର ପ୍ରସଙ୍ଗରେ ବାଣିଜ୍ୟ ଓ ଶିଳ୍ପ, ବୟନ, ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ କହିଛନ୍ତି ଯେ ମହିଳା ସଶକ୍ତିକରଣ ଉପରେ ଜି20 ର ଗୁରୁତ୍ୱକୁ ଭାରତ ସମର୍ଥନ କରୁଛି। ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ଭାଷା ଅନ୍ତର୍ଭୂକ୍ତ କରିବାକୁ ଭାରତ ଦୃଢ ଭାବରେ ସମର୍ଥନ କରିଛି ଏବଂ 'ସୁଦୂର କାର୍ଯ୍ୟ ବ୍ୟବସ୍ଥା' ଉପରେ ଜି20 ର ନୂତନ ନୀତି ଢାଞ୍ଚାକୁ ସମର୍ଥନ ଜଣାଇଛି।

ଶ୍ରୀ ଗୋଏଲ ଆହୁରି ମଧ୍ୟ କହିଛନ୍ତି ଯେ ପର୍ଯ୍ୟଟନ କ୍ଷେତ୍ର ଉପରେ କୋଭିଡ-19 ର ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ଏହି କ୍ଷେତ୍ରର ପୁନରୁଦ୍ଧାରର ଗୁରୁତ୍ୱକୁ ଉଲ୍ଲେଖ କରିଛି। ସୃଜନଶୀଳ ଅର୍ଥନୀତି ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଉପରେ ଜି20 ର ଧ୍ୟାନକୁ ଭାରତ ସ୍ୱାଗତ କରୁଛି।

ଶ୍ରୀ ଗୋଏଲ କହିଛନ୍ତି ଯେ ଭାରତ ସୀମାପାର ତଥ୍ୟ ପ୍ରବାହ ସହିତ 'ବିଶ୍ୱାସର ସହିତ ତଥ୍ୟର ମୁକ୍ତ ପ୍ରବାହକୁ' ସନ୍ତୁଳିତ କରିବା ତଥା ବିକାଶଶୀଳ ଦେଶଗୁଡିକର ବିକାଶ ଆବଶ୍ୟକତାକୁ ଦୃଷ୍ଟି ଦେବା ପାଇଁ ଜୋରଦାର ଦାବି କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ 'ବିକାଶ ପାଇଁ ତଥ୍ୟ ବ୍ୟବହାର' ଉପରେ ଭାରତ ଗୁରୁତ୍ୱାରୋପ କରିଛି।

ଶ୍ରୀ ଗୋଏଲ ଗୁରୁତ୍ୱାରୋପ କରିଛନ୍ତି ଯେ ଜି20 ରେ ଭାରତର ସ୍ୱର ସମସ୍ତ ବିକାଶଶୀଳ ଦେଶର ସ୍ୱରକୁ ପ୍ରତିପାଦିତ କରୁଛି।

ସେ ଉଲ୍ଲେଖ କରିଛନ୍ତି ଯେ 2020 ରେ ସାଉଦି ନେତୃତ୍ୱକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରାମର୍ଶ ପରେ ଜି20 ଗତ ବର୍ଷ କୋଭିଡ-19 ପରିସ୍ଥିତିକୁ ନେଇ ଏକ ଅସାଧାରଣ ଶିଖର ସମ୍ମିଳନୀ ଆୟୋଜନ କରିଥିଲା।

ଜି20 ର ପ୍ରଭାବକୁ ଉପଯୋଗ କରି ଆଫଗାନିସ୍ତାନରେ ମାନବିକ ସଙ୍କଟର ମୁକାବିଲା ପାଇଁ ଚଳିତ ବର୍ଷ ଇଟାଲୀ ଏକ ବିଶେଷ ସମ୍ମିଳନୀ ଡକାଇଥିଲା। ମିଳିତ ଜାତିସଂଘର ଚାର୍ଟରରେ ଏବଂ ଅନ୍ୟ ପ୍ରାସଙ୍ଗିକ ଆନ୍ତର୍ଜାତିକ ଦସ୍ତାବିଜରେ ଦର୍ଶାଯାଇଥିବା ସିଦ୍ଧାନ୍ତ ଅନୁଯାୟୀ ଜି20 ମାନବାଧିକାର ତଥା ମୌଳିକ ସ୍ୱାଧୀନତା, ବିଶେଷକରି ଆଫଗାନିସ୍ତାନରେ ମହିଳା, ଶିଶୁ, ସଂଖ୍ୟାଲଘୁ ଏବଂ ଅସୁରକ୍ଷିତ ଲୋକଙ୍କ ଅଧିକାର ଉପରେ ମଧ୍ୟ ଧ୍ୟାନ ଦେଇଥିଲା।

ଶ୍ରୀ ଗୋଏଲ କହିଛନ୍ତି ଯେ ଭାରତ 20 ଡିସେମ୍ବର 2022 ରୁ 30 ନଭେମ୍ବର 2023 ପର୍ଯ୍ୟନ୍ତ ଜି20 ର ଅଧ୍ୟକ୍ଷତା କରିବା ସହିତ ଚଳିତ ବର୍ଷ ଡିସେମ୍ବରରେ ଟ୍ରୋଇକାରେ ପ୍ରବେଶ କରିବ ଏବଂ ଜି20 ଫୋରମରେ ବିକାଶଶୀଳ ଦେଶ ତଥା ଉଦୀୟମାନ ବଜାର ଅର୍ଥନୀତିର ସମସ୍ୟା ଓ ଚିନ୍ତା ଉପରେ ନେତୃତ୍ୱ ନେବ।

**ରୋମ**

**ଅକ୍ଟୋବର 29, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.